## ସେମାନେ ଯାହା କହନ୍ତି.....

### ସମସ୍ତ ପ୍ରାଣୀଜଗତ ପ୍ରତି କରୁଣା, ଅନୁକମ୍ପା ଓ ସଦାଚାର ପ୍ରଦର୍ଶନ

ହଜ୍‌ରତ୍ ମୁହମ୍ମଦ (ସ୍ୱ.ଆ.ୱ୍.)ଙ୍କ ପବିତ୍ର ହଦିସ୍ ବାଣୀରୁ ସ୍ପଷ୍ଟ ଅନୁମେୟ ଯେ, ଆଲ୍ଲାଙ୍କ ସୃଷ୍ଟିର ପ୍ରତ୍ୟେକ ଜୀବ ପ୍ରତି ଦୟା ଓ ସ୍ନେହ ପ୍ରକଟ କରିବା ଏକାନ୍ତ ଜରୁରୀ ।ମନୁଷ୍ୟ ପରି ପଶୁ ପକ୍ଷୀ ସହ ଉତ୍ତମ ବ୍ୟବହାର କରିବା ଉଚିତ । ଗୃହପାଳିତ ପଶୁ ଓ ପକ୍ଷୀଙ୍କର ପାନୀୟ ଓ ଖାଦ୍ୟ ପ୍ରତି ଧ୍ୟାନ ଦିଆଯିବା ଉଚିତ୍ । ଭାରବାହୀ ଓ ଚାଷ କାର୍ଯ୍ୟରେ ବ୍ୟବହାର ହେଉଥିବା ପଶୁ ଗୁଡ଼ିକୁ ଅଧିକ କାର୍ଯ୍ୟଭାର ଲଦି ଦିଆ ନ ଯାଉ । ସେମାନେ ସହ୍ୟ କରିବାଭଳି କାର୍ଯ୍ୟଭାର ଦିଆଯାଉ ଏବଂ ସେମାନଙ୍କୁ ଅଯଥା ହଇରାଣ ବା କଷ୍ଟ ନ ଦିଆଯିବା ଉଚିତ ।

ସମଗ୍ର ପ୍ରାଣୀଜଗତ ପ୍ରତି କରୁଣା ଓ ଅନୁକମ୍ପା ପ୍ରଦର୍ଶନରେ ଅଗ୍ରଜ ହଜ୍‌ରତ୍ ମୁହମ୍ମଦ (ସ୍ୱ. ଆ. ୱ୍) ପଶୁ ଓ ପକ୍ଷୀଙ୍କ କଷ୍ଟକୁ ସହ୍ୟ କରି ପାରନ୍ତି ନାହିଁ । ସେମାନଙ୍କ କଷ୍ଟକୁ ଦେଖିଲେ ସେ ଅବିଚଳିତ ହୋଇପଡ଼ିବାର ବହୁବିଧ ନଜିର ରହିଅଛି ।

ଏକଦା ହଜ୍‌ରତ୍ ମୁହମ୍ମଦ (ସ୍ୱ. ଆ. ୱ୍.) ଅନୁଗାମୀମାନଙ୍କ ସହ ଯାତ୍ରା କରିବା ସମୟରେ ସେ ଦେଖିବାକୁ ପାଇଲେ, ଗୋଟିଏ ପିମ୍ପୁଡ଼ି ଦଳକୁ ପୋଡ଼ି ମାରି ଦିଆଯାଇଛି । ଏହା ତାଙ୍କ ଅଜାଣତରେ ଅନୁଗାମୀମାନେ କରିଥିଲେ । ସଙ୍ଗେ ସଙ୍ଗେ ସେ ଖୁବ୍ ଅବିଚଳିତ ହୋଇଗଲେ ଏବଂ ଖୁବ୍ କ୍ରୋଧାନ୍ୱିତ ମଧ୍ୟ ହେଲେ । ସେ ପଚାରି ବସିଲେ ଯେ, ଏପରି ଅମାନୁଷିକ କାର୍ଯ୍ୟ କି'ଏ କରିଛି ? ଅନୁଗାମୀ ମାନେ ଏକ ସ୍ୱରରେ କହିଲେ, ଉକ୍ତ ନିର୍ଦ୍ଦୟ କର୍ମ ଆମ୍ଭେମାନେ କରିଛୁ । ହଜ୍‌ରତ ମୁହମ୍ମଦ (ସ୍ୱ. ଆ. ୱ୍.) ଏହା ଶୁଣି ଦୁଃଖିତ ହେଲେ ଏବଂ ଜୀବଦଶାରେ ଏପରି ଅମାନୁଷିକ କାର୍ଯ୍ୟ ନ କରିବା ପାଇଁ ଖୁବ୍ ତାଗିଦ୍ କଲେ ।

ଏପରିକି ମନୁଷ୍ୟକୁ କଷ୍ଟ ଦେଉଥିବା ଜୀବଜନ୍ତୁକୁ ନିଆଁରେ ଜାଳି ପୋଡ଼ି ମାରିବା ପାଇଁ ଇସ୍‌ଲାମୀୟ ଶରୀୟତ (ଧର୍ମଧାରା) ଅନୁମତି ପ୍ରଦାନ କରିନାହିଁ ।

**"ସଦାଚାର ହେଉଛି ବିଶ୍ୱ ବାସୀଙ୍କ ପାଇଁ ହଜ୍‌ରତ୍ ମୁହମ୍ମଦ (ସ୍ୱ. ଆ. ୱ୍.)ଙ୍କ ଅପୂର୍ବ ଉପହାର ।"**

ଜୀବନିଷ୍ଠୁରତା ନିରାକରଣ ସମିତି, ଓଡ଼ିଶା, କଟକର ତ୍ରୟ ମାସିକ ପତ୍ରିକା "ସମ୍ବେଦନ" ଆଗାମୀ ସଂଖ୍ୟାରେ ପରିପ୍ରକାଶ କରିବ ଅତ୍ୟନ୍ତ ସୁଖ ଦାୟକ । ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ପରିହାର ଦିଗରେ ଉକ୍ତ ପତ୍ରିକା ଦିଗ୍‌ଦର୍ଶନ ନିଶ୍ଚିତ ହେବ । ଏହାର ଆମ୍ଭେ ଉତ୍ତୋରତ୍ତର କାମନା କରୁଅଛୁ ।

ମୌଲାନା ଶେଖ୍ ଅବ୍‌ଦୁସ୍ ସୁବ୍‌ହାନ୍ କାସ୍‌ମି
ଉପଦେଷ୍ଟା- "ଇସଲାମୀ ଉପହାର"
ନୟାଗଡ଼-୭୫୨୦୬୯

❖ ❖ ❖

### ପଶୁବଳି ଏକ ଜଘନ୍ୟ କାର୍ଯ୍ୟ

ମୁଁ ପୂଜକ ହିସାବରେ ମତପ୍ରକାଶ କରୁଛି ଯେ, ମଣିନାଗ ଠାରେ ପଶୁବଳି ବନ୍ଦ ଯୋଗୁଁ ମୁଁ ଅତ୍ୟନ୍ତ ଖୁସି । ଆଗରୁ ଏ କାମ ଜଘନ୍ୟ ଥିଲା । ଏବେ ମୁଁ ଶାନ୍ତିରେ ଅଛି । ସବୁ ଦେବାଦେବୀ ମନ୍ଦିରରେ ଏପ୍ରଥା ବନ୍ଦ ହେବା ଉଚିତ ।

**ମଣିନାଗ ଉନ୍ନୟନ କମିଟି ସଭ୍ୟ,**
ହରିହର ଯାନି
ମୁଖ୍ୟ ପୂଜକ ମଣିନାଗ, ରଣପୁର
ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ
ଗୋଲକ ବିହାରୀ ଦାସ
ଗୋବିନ୍ଦ ଚନ୍ଦ୍ର ପୃଷ୍ଟି
ସଭାପତି- ଭୁବନଭଣ୍ଡାଇ ଦାସ

❖ ❖ ❖

### ଆଗପରି ବଳିପ୍ରଥା ନାହିଁ

ମୋର ମତାମତ ଯେ, ଆମ୍ଭର ଏହି ରଣପୁରଗଡ଼ରେ ପ୍ରାୟ ଆଗପରି ବଳିପ୍ରଥା ଆଦୌ ନାହିଁ । ଏହାର କୁପ୍ରଭାବ ସମାଜର ଅନ୍ୟ ସଂପ୍ରଦାୟ ଉପରେ ପ୍ରଭାବ ପକାଇବ ।

ଉମାକାନ୍ତ ମିଶ୍ର
ଅବସରପ୍ରାପ୍ତ କର୍ମଚାରୀ, ଭାରତ ସରକାର

❖ ❖ ❖